ନିତି ଭାରତୀ

ଭବିଷ୍ୟତ ଆଜିର କର୍ମ ଉପରେ ନିର୍ଭର କରେ।
- ମହାତ୍ମା ଗାନ୍ଧୀ

ବିଧାନସଭା ଅଧିବେଶନ: ଏକ ମୂଲ୍ୟାୟନ

ପ୍ରଭୁକଲ୍ୟାଣ ମହାପାତ୍ର

ବିଧାନସଭାର ଶୀତକାଳୀନ ଅଧିବେଶନ ନଭେମ୍ବର ୧୩ରୁ ଆରମ୍ଭ ହୋଇ ୨୮ ତାରିଖରେ ସମାପ୍ତ ହୋଇଛି। ତେର ଦିନ ଧରି ଚାଲିଥିବା ଏହି ଅଧିବେଶନ କାଳରେ ଗୃହ (ବିଧାନସଭା) ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସରଗରମ ଆଲୋଚନା କରିଛି। ପାଞ୍ଚୋଟି ମୁଲତବୀ ପ୍ରସ୍ତାବ ନୋଟିସ୍ ଆକାରରେ- ରହସ୍ୟ ଘେରରେ ସ୍ମିତାରାଣୀ ମୃତ୍ୟୁ, ବିନାଶ ପଥରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ଧାନ କିଣାରେ ସରକାରୀ ବିଫଳତା, ଲଘୁ ଖଣିଜ ପଦାର୍ଥର ବିପୁଳ ଚୋରା କାରବାର (ଡଙ୍ଗାରି ପାହାଡ଼ର ଗୁମର ଖୋଲିଲା, ବ୍ୟାପକ ରାଜସ୍ୱ ହାନି), ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ସମ୍ପର୍କରେ ବିଧାନସଭାରେ ଘମାଘୋଟ ବିତର୍କ ହୋଇଥିଲା। ସେହିପରି ତିନୋଟି ଦୃଷ୍ଟି ଆକର୍ଷଣକାରୀ ପ୍ରସ୍ତାବ ନୋଟିସ୍‌ରେ ଚଣ୍ଡିଖୋଲ-ଭଦ୍ରକ ଜାତୀୟ ରାଜପଥ ପ୍ରଶସ୍ତିକରଣ, ତେଲ ନଦୀର ଆଡ଼ିବନ୍ଧ ନିର୍ମାଣ ଏବଂ ଗତ ଅଗଷ୍ଟ ମାସରେ ବଲାଙ୍ଗୀର ସହରରେ ଅପ୍ରତ୍ୟାଶିତ ବନ୍ୟା ଯୋଗୁଁ ପ୍ରଭୂତ କ୍ଷୟକ୍ଷତି ବିଷୟ ଚର୍ଚ୍ଚା କରାଯାଇଥିଲା। ଅନ୍ୟ ପକ୍ଷରେ ବ୍ୟୟ ମଞ୍ଜୁରୀ ବିଲ୍ ସମେତ ସମୁଦାୟ ପାଞ୍ଚୋଟି ବିଲ୍ ଏହି ଅଧିବେଶନ ସମୟରେ ଗୃହର ଅନୁମୋଦନ ଲାଭ କରିଥିଲା। ସେଥି ମଧ୍ୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ସଂଶୋଧନ, ଦ୍ରବ୍ୟ ଓ ସେବାକର ସଂଶୋଧନ, ଓଡ଼ିଶା ବୃତ୍ତିଗତ ଚିକିତ୍ସା ଓ ଫିଜିଓଥେରାପି ନିମନ୍ତେ ରାଜ୍ୟ ପରିଷଦ, ସିଭି ରମଣ ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟ ବିଲ୍ ଅନ୍ୟତମ। ଏତଦ୍ ଭିନ୍ନ ପାଞ୍ଚୋଟି ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ହୋଇଥିବା ବେଳେ ୨୦୨୩ ମସିହାରେ ଓଡ଼ିଶାରେ ବିଶ୍ୱ ହକି କପ୍‌ର ଆୟୋଜନ ଲାଗି ଉଭୟ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କୁ ବଧାଇ ଜଣାଇବା ପାଇଁ ଗୃହରେ ଏକ ସଂକଳ୍ପ ମଧ୍ୟ ଗୃହୀତ ହୋଇଥିଲା।

ବିଧାନସଭା ସମ୍ପର୍କିତ ସରକାରୀ ବିଜ୍ଞପ୍ତିରେ ଦର୍ଶା ଯାଇଥିଲା ଯେ ନଭେମ୍ବର ୧୩ରୁ ଅଧିବେଶନ ଆରମ୍ଭ ହୋଇ ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ତହିଁରେ ମୋଟ ୩୦ଟି କାର୍ଯ୍ୟ ଦିବସ ରହିବ। ତେବେ ବିଧାନସଭା ଅଧିବେଶନ ଏହାର ଅର୍ଦ୍ଧେକରୁ ମଧ୍ୟ କମ୍ ସମୟ (ମାତ୍ର ୧୩ ଦିନ) ପାଇଁ ଚାଲି ଅପ୍ରତ୍ୟାଶିତ ଭାବେ ବନ୍ଦ ହୋଇଯିବା ଯୋଗୁଁ ବିରୋଧୀ ଦଳ ସ୍ୱାଭାବିକ ଭାବେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଅନ୍ୟ ପକ୍ଷରେ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ ବିଲ୍ ବା କାର୍ଯ୍ୟକ୍ରମ ନଥିବା ଦୃଷ୍ଟିରୁ ଅଧିବେଶନ ମୁଲତବୀ (ବନ୍ଦ) କରି ଦିଆଯିବା ଯଥାର୍ଥ ବୋଲି ଶାସକ ଦଳ ସଫେଇ ଦେଇଛି। ତେଣୁ ବିଧାନସଭା ଅଧିବେଶନର ମିଆଦ ଓ ଅନ୍ୟାନ୍ୟ ମହତ୍ୱପୂର୍ଣ୍ଣ ବିଷୟ ଉପରେ ବିଶଦ ଚର୍ଚ୍ଚା କରିବା ଉପଯୁକ୍ତ ମନେହୁଏ।

ପାର୍ଲାମେଣ୍ଟ ହେଉଛି ଦେଶର ବିଧାନସଭାଗୁଡ଼ିକ ଲାଗି ଆଦର୍ଶ। ଅର୍ଥାତ୍ ଗୃହର ସୁପରିଚାଳନା ସକାଶେ ପାର୍ଲାମେଣ୍ଟର ନୀତି ଓ ନିୟମଗୁଡ଼ିକ ବିଧାନସଭାମାନେ ଅନୁସରଣ କରିଥାନ୍ତି। ଅପର ପକ୍ଷେ ପାର୍ଲାମେଣ୍ଟ ସହିତ ବିଧାନସଭାଗୁଡ଼ିକର ଉତ୍ତମ ପରିଚାଳନା ପାଇଁ ପ୍ରତି ବର୍ଷ ଦେଶର ବିଭିନ୍ନ ରାଜ୍ୟରେ ବାଚସ୍ପତି ସମ୍ମିଳନୀ ଆୟୋଜିତ ହୋଇଥାଏ। ସେଥିରେ ବିଭିନ୍ନ ପ୍ରସଙ୍ଗ ଉପରେ ସବିଶେଷ ଚର୍ଚ୍ଚା କରାଯାଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ଗ୍ରହଣ କରାଯାଇଥାଏ। ତହିଁରେ କାର୍ଯ୍ୟ ଦିବସ ସମ୍ପର୍କରେ ଗୃହୀତ ଏକ ପ୍ରସ୍ତାବରେ କୁହାଯାଇଛି ଯେ ବଡ଼ ବିଧାନସଭା (ଅର୍ଥାତ୍ ଶହେ ବା ତଦୂର୍ଦ୍ଧ୍ୱ ଆସନବିଶିଷ୍ଟ)ଗୁଡ଼ିକ ବର୍ଷକୁ ଅନ୍ୟୂନ ୬୦ ଦିନ ଚାଲିବ। ତଦନୁସାରେ ଓଡ଼ିଶା ବିଧାନସଭା ବର୍ଷକୁ ତିନୋଟି ଅଧିବେଶନ ଏବଂ ୬୦ ଦିନ ଚାଲିବା ପାଇଁ ନିୟମ ପ୍ରଣୟନ କରିଛି। କିନ୍ତୁ ସେହି ନିୟମ ଲାଗୁ ହେବା ପରଠାରୁ ଅଧିକାଂଶ ବର୍ଷ ବିଧାନସଭା ତା'ର କାର୍ଯ୍ୟ ଦିବସକୁ ବିଭିନ୍ନ ଆଳରେ ସଂକୁଚିତ କରି ଆସୁଛି। କିନ୍ତୁ ଶାସକ ଦଳର ସଭ୍ୟମାନେ କାର୍ଯ୍ୟ ଦିବସ ସଂଖ୍ୟା ସଂକୁଚନ ବା ହ୍ରାସ ସପକ୍ଷରେ ଯୁକ୍ତି ବାଢ଼ି ଅନ୍ୟ ଯେଉଁସବୁ ରାଜ୍ୟ ବିଧାନସଭାର ନଜିର ଦେଇଛନ୍ତି, ତାହା ନିଶ୍ଚିତ ଭାବରେ ଚିନ୍ତାଜନକ ବୋଲି ବିଶେଷଜ୍ଞମାନେ ବିଚାର କରୁଛନ୍ତି।

ବିଶେଷଜ୍ଞମାନେ କହନ୍ତି, ପାର୍ଲାମେଣ୍ଟ ଅଧିବେଶନ ସମ୍ପର୍କରେ ଯେଉଁ ଦିନ ବିଜ୍ଞପ୍ତି ପ୍ରକାଶ ପାଉଛି, ଉକ୍ତ ଦିନ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ଗୃହରେ ଆଗତ କିମ୍ବା ପାରିତ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବିଲ୍‌ଗୁଡ଼ିକ ବିଷୟରେ ସବିଶେଷ ସୂଚନା ଦେଉଛନ୍ତି। ଫଳରେ ପାର୍ଲାମେଣ୍ଟରେ କାରବାର ହେବାକୁ ଥିବା ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସୂଚନା ମିଳି ପାରୁଛି। ତଦ୍ୱାରା ଗୋଟିଏ ପକ୍ଷରେ ସଭ୍ୟମାନେ (ସାଂସଦ) ବିଲ୍‌ଗୁଡ଼ିକର ଗଭୀରତମ ପ୍ରଦେଶକୁ ଯାଇ ସେ ବିଷୟରେ ଅନୁଶୀଳନ କରିବା ପାଇଁ ପର୍ଯ୍ୟାପ୍ତ ସମୟ ପାଉଛନ୍ତି। ଅନ୍ୟ ପକ୍ଷରେ ଦେଶବାସୀ ମଧ୍ୟ ପାର୍ଲାମେଣ୍ଟର ଗୁରୁତ୍ୱପୂର୍ଣ୍ଣ କାରବାର ସମ୍ପର୍କରେ ଅବଗତ ହୋଇ ପାରୁଛନ୍ତି। କିନ୍ତୁ ଆମ ବିଧାନସଭାରେ ତା'ର ବ୍ୟତିକ୍ରମ ଘଟୁଛି। ଅର୍ଥାତ୍ ଅଧିବେଶନ କାଳରେ ବିଧାନସଭାରେ କେଉଁ କେଉଁ ବିଲ୍ ଉପସ୍ଥାପିତ ହେବ, ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତା'ର କୌଣସି ସୁରାକ୍ ମିଳି ପାରୁନାହିଁ। ଫଳରେ ବିଧାନସଭା, ବିଧାୟକ ଏବଂ ରାଜ୍ୟବାସୀ ସେଥି ନେଇ ସମ୍ପୂର୍ଣ୍ଣ ଭାବରେ ଅନ୍ଧକାର ଭିତରେ ରହୁଛନ୍ତି। ନିୟମାନୁସାରେ ଗୃହରେ ଉପସ୍ଥାପିତ ହେବାକୁ ଥିବା ବିଲ୍‌ଗୁଡ଼ିକ ୧୪ ଦିନ ପୂର୍ବରୁ ବିଧାନସଭା ସଚିବାଳୟରେ ପହଞ୍ଚିବା କଥା। ଉପସ୍ଥାପନର ସାତ ଦିନ ପୂର୍ବରୁ ବିଧାୟକମାନଙ୍କୁ ବିଲ୍‌ର ଫଟୋକପି ପ୍ରଦାନ କରାଯିବା ଉଚିତ। ତଦ୍ୱାରା ବିଧାୟକମାନେ ବିଲ୍‌ର ଗଭୀରତମ ପ୍ରଦେଶକୁ ଯାଇ ତା'ର ଭଲମନ୍ଦ ଦିଗ ବିଷୟରେ ଭଲ ଭାବରେ ଅବଗତ ହୋଇ ପାରିବେ। ଫଳରେ ବିଲ୍ ଉପରେ ବିଧାୟକମାନେ ବଳିଷ୍ଠ ଭାବରେ ସେମାନଙ୍କ ଯୁକ୍ତି ବାଢ଼ି ପାରିବେ। ଅବଶ୍ୟ ଆପତକାଳୀନ ବା ଜରୁରୀ ପରିସ୍ଥିତିରେ ବାଚସ୍ପତି ଏହି ୧୪ ଦିନର ସମୟ ସୀମା ବା ଅବଧିକୁ ବାଦ୍ କରି ପାରିବେ ବୋଲି ନିୟମରେ ବ୍ୟବସ୍ଥା ଅଛି। ତେଣୁ ବାଚସ୍ପତିଙ୍କ ଉପରେ ନ୍ୟସ୍ତ ଏହି ବିଶେଷ କ୍ଷମତାର ସୁଯୋଗ ନେଇ ସରକାର ବିଧାନସଭାରେ ତତ୍‌କ୍ଷଣାତ୍ ବିଲ୍ ଉପସ୍ଥାପନ ଲାଗି ଅନୁମତି ହାସଲ କରୁଛନ୍ତି। ଫଳରେ ବିଧାନସଭା ସଚିବାଳୟଠାରୁ ଆରମ୍ଭ କରି ବିଧାୟକ ଓ ରାଜ୍ୟବାସୀଙ୍କ ପର୍ଯ୍ୟନ୍ତ ସମସ୍ତେ ଗୃହରେ ଆଗତ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବିଲ୍‌ଗୁଡ଼ିକ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ରହୁଛନ୍ତି। ତଦ୍ୱାରା ବିଲ୍ ସମ୍ପର୍କରେ ବିଶେଷ ଜ୍ଞାନ ନଥାଇ ସୁଦ୍ଧା ବିଧାୟକମାନଙ୍କୁ ତା' ଉପରେ ଆଲୋଚନା କରିବାକୁ ପଡୁଛି। ପରିଣାମରେ ସେହି ବିଲ୍ ବିଧାନସଭାରେ ପାରିତ ହୋଇ ଆଇନରେ ପରିଣତ ହେବା ପରେ ତହିଁରୁ ଆବଶ୍ୟକ ସୁଫଳ ମିଳିପାରୁ ନାହିଁ ଏବଂ ବାରମ୍ବାର ସେହି ବିଲ୍‌କୁ ସଂଶୋଧନ କରିବାକୁ ପଡୁଛି।

ବିଧାନସଭାରେ ଆଗତ ଓ ପାରିତ ହେଉଥିବା ବିଲ୍‌ଗୁଡ଼ିକ ଉପରେ ସ୍ୱଳ୍ପ ସମୟ ଲାଗି ଅପେକ୍ଷାକୃତ ହାଲ୍‌କା ଆଲୋଚନା ଏବଂ ସେହି ଚର୍ଚ୍ଚାରେ ବିରୋଧୀ ଦଳ ଭାଗ ନ ନେବା ଭଳି ଘଟଣା ଏକା ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ବିଧି ପ୍ରଣୟନ ବା ଆଇନ ତିଆରି କରିବା ହେଉଛି ବିଧାନସଭାର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ। ସେଥିପାଇଁ ବିଲ୍ ଉପରେ ଆଲୋଚନା ଲାଗି ସମୟ କଟକଣା ଲାଗୁ ହୋଇ ନଥାଏ ଏବଂ ବିଧାୟକମାନଙ୍କ ଉପରେ ଦଳୀୟ ହ୍ୱିପ୍ ମଧ୍ୟ ଜାରି କରାଯାଇ ନଥାଏ। ଉଦ୍ଦେଶ୍ୟ ହେଉଛି, ବିଧାୟକମାନେ ବିଲ୍‌ର ଗଭୀର ପ୍ରଦେଶକୁ ଯାଇ ଯେତେ ଅଧିକ ଆଲୋଚନା କରିବେ, ଆଇନ ସେତିକି ଅଧିକ ଶାଣିତ ଓ ଲୋକାଭିମୁଖୀ ହେବ। କିନ୍ତୁ ପ୍ରାପ୍ତ ତଥ୍ୟରୁ ଜଣାପଡ଼ିଛି ଯେ ପ୍ରାୟ ୭୦/ ୭୫ ଘଣ୍ଟାର ବିଗତ ବିଧାନସଭା ଅଧିବେଶନରେ ପାରିତ ପାଞ୍ଚୋଟି ବିଲ୍ ଉପରେ ପ୍ରାୟ ସାଢ଼େ ସାତ ଘଣ୍ଟା ଧରି ଚର୍ଚ୍ଚା ହୋଇଛି, ଯାହାକି ମୋଟ ଅଧିବେଶନ ସମୟର ପ୍ରାୟ ୧୦ ଭାଗ। ଅତୀତରେ ବିଲ୍ ଉପରେ ଆଲୋଚନା ଲାଗି ଉଭୟ ପାର୍ଲାମେଣ୍ଟ ଓ ବିଧାନସଭାର ୪୦ ଭାଗରୁ ଊର୍ଦ୍ଧ୍ୱ ସମୟ ବିନିଯୋଗ ହେଉଥିଲା। କୌଣସି କାରଣରୁ ବିରୋଧୀ ଦଳ ଗୃହରେ ଅନୁପସ୍ଥିତ ରହିଲେ, ସେମାନଙ୍କୁ ବୁଝାଇ ସୁଝାଇ ବିଲ୍ ସମ୍ପର୍କିତ ଚର୍ଚ୍ଚାରେ ସାମିଲ୍ କରା ଯାଉଥିଲା। ଏତଦ୍ ଭିନ୍ନ ବିଲ୍ ଉପରେ ଆଲୋଚନା ପାଇଁ ସମୟର ପ୍ରତିବନ୍ଧକ ମଧ୍ୟ ହଟାଇ ଦିଆ ଯାଉଥିଲା।

ସେହିପରି ଗୁରୁତ୍ୱପୂର୍ଣ୍ଣ ବିଲ୍ ବା ପ୍ରସଙ୍ଗ ନଥିବା ଯୋଗୁଁ ବିଧାନସଭା ଅଧିବେଶନକୁ ସଂକୁଚିତ କରି ଦିଆଗଲା ବୋଲି ଶାସକ ଦଳର ଯୁକ୍ତିକୁ ବିଶାରଦମାନେ ନାପସନ୍ଦ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ ବାସଗୃହ ଓ ଘରଡିହ କାରବାର କରୁଥିବା ଘରୋଇ ରିଅଲ୍ ଇଷ୍ଟେଟ୍ ସଂସ୍ଥାଗୁଡ଼ିକ ଉପରେ ଏବେ ସରକାରଙ୍କର କୌଣସି ନିୟନ୍ତ୍ରଣ ନାହିଁ। କିନ୍ତୁ ଅନେକ ରିଅଲ୍ ଇଷ୍ଟେଟ୍ ସଂସ୍ଥା ଚିଟ୍‌ଫଣ୍ଡ୍ କମ୍ପାନୀ ଭଳି ଗ୍ରାହକମାନଙ୍କୁ ଠକେଇ ଓ ବ୍ୟାପକ ଭାବେ ଶୋଷଣ କରୁଛନ୍ତି। ଏଥି ନେଇ ବହୁ ବର୍ଷ ଧରି ଗୁରୁତର ଅଭିଯୋଗ ହୋଇ ଆସୁଥିଲେ ସୁଦ୍ଧା ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ଆବଶ୍ୟକ ଆଇନ ପ୍ରଣୟନ କରାଯାଉ ନାହିଁ। କାରଣ ଇଷ୍ଟେଟ୍ କାରବାରରେ ବହୁ ପ୍ରଭାବଶାଳୀ ବ୍ୟକ୍ତି ସଂଶ୍ଳିଷ୍ଟ ଅଛନ୍ତି। ପୂର୍ବରୁ ଗଛ ଚାରା ଓ ମଞ୍ଜି (ବିହନ) କାରବାର କରୁଥିବା ଘରୋଇ ନର୍ସରୀଗୁଡ଼ିକ ମଧ୍ୟ ଗ୍ରାହକମାନଙ୍କୁ ବ୍ୟାପକ ଭାବରେ ଠକୁଥିଲେ। ସରକାରୀ ଅଙ୍କୁଶ ଅଭାବରୁ ସେହି ଠକ ନର୍ସରୀମାନଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରୁ ନଥିଲା। ମାତ୍ର ସରକାର ଏକ ଆଇନ ତିଆରି କରି ଘରୋଇ ନର୍ସରୀମାନଙ୍କ ପାଇଁ କୃଷି ବିଭାଗ ଅଧୀନରେ ପଞ୍ଜିକରଣ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଦେଲେ। ଏହାପରେ ଘରୋଇ ନର୍ସରୀମାନଙ୍କ ଠକାମି ଓ ଶୋଷଣ ଆଶାତୀତ ଭାବେ ହ୍ରାସ ପାଇଲା। ସେହିପରି ଆଇନ ମାଧ୍ୟମରେ ରିଅଲ୍ ଇଷ୍ଟେଟ୍ ସଂସ୍ଥାଗୁଡ଼ିକୁ ରାଜସ୍ୱ ବିଭାଗ ନିକଟରେ ପଞ୍ଜିକରଣ ବ୍ୟବସ୍ଥା ବାଧ୍ୟତାମୂଳକ କରାଯିବା ଅତ୍ୟନ୍ତ ଜରୁରୀ।

କେବଳ ସେତିକ ନୁହେଁ, ଘରୋଇ ଶିକ୍ଷାନୁଷ୍ଠାନ (ଇଂଲିଶ୍ ମିଡିୟମ୍ ସ୍କୁଲ୍ ଓ ଆବାସିକ ଯୁକ୍ତଦୁଇ କଲେଜ)ଗୁଡ଼ିକ ସମ୍ପ୍ରତି ମନଇଚ୍ଛା ଫିସ୍ ଧାର୍ଯ୍ୟ କରି ବିଦ୍ୟାର୍ଥୀମାନଙ୍କୁ ଶୋଷଣ କରୁଛନ୍ତି। ଏ ସମ୍ପର୍କିତ ଆଇନ ପ୍ରଣୟନ କରି ସରକାର ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ଶୃଙ୍ଖଳିତ ଏବଂ ସୁସଂହତ କରି ପାରିବେ। ପରିବର୍ତ୍ତିତ ପରିସ୍ଥିତିରେ ସମୟ ସହିତ ତାଳ ମିଳାଇ ଚାଲିବା ପାଇଁ ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଣୟନର ଜରୁରୀ ଆବଶ୍ୟକତା ରହିଛି। କିନ୍ତୁ କୌଣସି ମହତ୍ତ୍ୱପୂର୍ଣ୍ଣ ବିଲ୍ ବା କାର୍ଯ୍ୟ ନ ଥିବାରୁ ବିଧାନସଭା ଅଧିବେଶନ ୧୭ ଦିନ ପୂର୍ବରୁ ବନ୍ଦ କରି ଦିଆଯିବା ଯୁକ୍ତି ଆଦୌ ନ୍ୟାୟସମ୍ମତ ନୁହେଁ ବୋଲି ବିଶାରଦମାନେ ଜଣାଇଛନ୍ତି।

ସେହିପରି ଟୋକନ୍ ମାଧ୍ୟମରେ ମଣ୍ଡିରେ ଚାଷୀଙ୍କ ନିକଟରୁ ଧାନ କିଣା ବ୍ୟବସ୍ଥାର ପ୍ରତିବାଦ ଜଣାଇ ବିଧାନସଭାରେ ବିରୋଧୀ ଦଳ ମିଳିତ ଭାବରେ ହଙ୍ଗାମା କରିଥିଲେ। ଫଳରେ ଏହି ସମସ୍ୟାରୁ ସାମୟିକ ଭାବେ କିଛି ଉପଶମ ମିଳି ପାରିଥିଲା। କିନ୍ତୁ ବିରୋଧୀ ଦଳ ବିଭାଜିତ ହେବା ଯୋଗୁଁ ରହସ୍ୟଜନକ ସ୍ମିତାରାଣୀ ମୃତ୍ୟୁ ଘଟଣା ଘେନି ପ୍ରଶାସନ ଉପରେ ଉପଯୁକ୍ତ ଚାପ ସୃଷ୍ଟି କରାଯାଇ ପାରି ନଥିଲା। ଅନ୍ୟ ପକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଓ କାଳିଆ ଯୋଜନାର ଅଯୋଗ୍ୟ ହିତାଧିକାରୀ ଆଦି ପ୍ରସଙ୍ଗରେ ଜୋରଦାର୍ ବିତର୍କ ଚଳାଇ ଥିଲେ ସୁଦ୍ଧା ଉପଯୁକ୍ତ ରଣକୌଶଳ ତଥା ଅବାଶ୍ୟକ ପ୍ରାକ୍-ପ୍ରସ୍ତୁତି ଅଭାବରୁ ବିରୋଧୀ ଆବଶ୍ୟକ ସୁଫଳ ପାଇବାରୁ ବଞ୍ଚିତ ହୋଇଥିଲେ। ତେବେ ସଂସ୍କୃତି ମନ୍ତ୍ରୀଙ୍କ ବିବାଦୀୟ ହାଇଦ୍ରାବାଦ ଗସ୍ତ ଘଟଣାକୁ କେନ୍ଦ୍ର କରି ବିରୋଧୀ ସରକାରଙ୍କୁ କିଛି ପରିମାଣରେ ହରଡ଼ଘଣାରେ ପକାଇବାକୁ ସକ୍ଷମ ହୋଇଥିଲେ ହେଁ ଏହି ଘଟଣା ସହିତ ସିଏଜି ରିପୋର୍ଟର ପ୍ରତିକୂଳ ଆକ୍ଷେପୋକ୍ତିରୁ ବର୍ତ୍ତିବା ଲାଗି ପ୍ରଶାସନ ଅଧିବେଶନକୁ ଆକସ୍ମିକ ଭାବେ ବନ୍ଦ କରିଦେଲେ ବୋଲି ବିଚାର କରାଯାଉଛି। ତେବେ ରାଜଧାନୀର ଗୋଟିଏ ସମ୍ଭ୍ରାନ୍ତ ହସ୍‌ପିଟାଲ ସହିତ ପାକିସ୍ତାନୀ ଲିଙ୍କ୍ ଘେନି ବିରୋଧୀ ଦଳର ସାଂଘାତିକ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଅମୂଳକ ବୋଲି ବିଶେଷଜ୍ଞମାନେ କହନ୍ତି।

ସର୍ବୋପରି ପ୍ରତ୍ୟେକ ବିଧାନସଭା ଅଧିବେଶନ କାଳରେ ବିଧାନସଭା ସମ୍ମୁଖସ୍ଥ ମହାତ୍ମା ଗାନ୍ଧୀ ମାର୍ଗରେ ଚାଷୀ ମୂଲିଆଙ୍କଠାରୁ ଆରମ୍ଭ କରି ଅସ୍ଥାୟୀ କର୍ମଚାରୀ ତଥା ସମାଜର ବିଭିନ୍ନ ବର୍ଗର ଲୋକମାନେ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟ ପାଇଁ ଧାରଣା, ବିକ୍ଷୋଭ, ଶୋଭାଯାତ୍ରା, ପ୍ରତିବାଦ ସଭା ପ୍ରଭୃତି ଚଳାଇ ଗମନାଗମନକୁ ଅଚଳ କରୁଛନ୍ତି। ବିଧାନସଭାରେ ସେମାନଙ୍କ ମୌଳିକ ସମସ୍ୟାଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇ ସମାଧାନର ସୂତ୍ର ବାହାରିବ ବୋଲି ଲୋକମାନେ ଅତୁଟ ବିଶ୍ୱାସ ରଖି ଥାଆନ୍ତି। କିନ୍ତୁ ବିଧାନସଭା ବିତର୍କରେ ସେମାନଙ୍କ ସମସ୍ୟା ଉପଯୁକ୍ତ ଭାବେ ପ୍ରତିଫଳିତ ନହେବା ସହିତ ସମସ୍ୟାର ପ୍ରତିକାର ହେଉ ନଥିବାରୁ ସମାଜର ବିଭିନ୍ନ ବର୍ଗର ଲୋକ ଉଭୟ ବିଧାନସଭା ଏବଂ ବିଧାୟକଙ୍କ ଉପରୁ କ୍ରମଶଃ ବିଶ୍ୱାସ ହରାଇ ବସୁଛନ୍ତି। ତେବେ ଏହି ଧାରାକୁ ରୋକିବା ଲାଗି ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରା ନଗଲେ ତାହା ଅବଶ୍ୟ ସଂସଦୀୟ ପ୍ରତିନିଧିମୂଳକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତି ଜନଗଣଙ୍କୁ ବିମୁଖ କରାଇବ। ■

ଭୁବନେଶ୍ୱର
ମୋ: ୯୯୩୭୭୧୧୩୮୯